# ବିଭାଗ ଆଲେଖ୍ୟ
# DEPARTMENT PROFILE

## ଓଡ଼ିଆ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ
## କଟକ

## DEPARTMENT OF ODIA
## CHRIST COLLEGE, CUTTACK

# ସୂଚିପତ୍ର


- ଲକ୍ଷ୍ୟ
  (Vision)
- ସଂକ୍ଷିପ୍ତ ଐତିହାସିକ ପରିଚୟ
  Brief Historical Identification
- ପୂର୍ବତନ ବିଭାଗ ମୁଖ୍ୟ
  Ex H.O.D's
- ବର୍ତ୍ତମାନ ବିଭାଗର ଅଧ୍ୟାପକ/ଅଧ୍ୟାପିକା
  Present Faculty Members
- ଛାତ୍ରଛାତ୍ରୀମାନଙ୍କ କୃତିତ୍ୱ
  Achievers of our Department
- ଜାତୀୟ, ରାଜ୍ୟସ୍ତରୀୟ ଓ ବିଭାଗୀୟ ପାଠଚକ୍ର
  National, State Label & Departmental Seminars
- ପାଠ୍ୟ ବହିର୍ଭୂତ କାର୍ଯ୍ୟକ୍ରମ
  (Extension Activities)
- ସାରସ୍ୱତ ସୃଷ୍ଟି 'ସୃଷ୍ଟି ଓ ସମୀକ୍ଷା'
  Literary Creation Sruti O Samikshya
- ୟୁ.ଜି.ସି. ମାର୍ଗଦର୍ଶନ ଅନୁସାରେ ନଥିପତ୍ର
  (Records as per U.G.C. guideline)
- ବିଭାଗର ସାମର୍ଥ୍ୟ, ସୁଯୋଗ, ଦୁର୍ବଳତା ଏବଂ ଆଶଙ୍କା
  (Strength, Opportunity, Weakness & Threat of the Department)
- ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପରୀକ୍ଷାଫଳ
  (Result of Honours Students)

# ଲକ୍ଷ୍ୟ
# Vision

ଆମ ବିଭାଗର ଲକ୍ଷ୍ୟ (Vision) ନିମ୍ନମତେ ସ୍ଥିରୀକୃତ ।

- ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ଦେବା ।
- ସେମାନଙ୍କର ଶୈକ୍ଷିକ ଓ ଅନ୍ୟାନ୍ୟ ସମସ୍ୟାକୁ ବୁଝି ତାହାର ନିରାକରଣ ପାଇଁ ଚେଷ୍ଟା କରିବା ।
- ସମାଜର ଶିକ୍ଷା ଓ ସାହିତ୍ୟ ସମ୍ବନ୍ଧିତ ସମସ୍ୟାର ନିରାକରଣ ସହିତ ବିକାଶ ପାଇଁ ଆଗଭର ହେବା ।
- ଆଞ୍ଚଳିକ ଭାଷାର ସୁରକ୍ଷା ଓ ପ୍ରତିଷ୍ଠା ପାଇଁ ନିରନ୍ତର ଧ୍ୟାନ ଦେବା ।
- କଲେଜର କର୍ତ୍ତୃପକ୍ଷ, ସରକାର, ଉଚ୍ଚତମ ଶିକ୍ଷା ପ୍ରତିଷ୍ଠାନଙ୍କ ନୀତିନିୟମ ପ୍ରତି ନିଷ୍ଠାରଖି କାର୍ଯ୍ୟ କରିବା ।
- ଆମ ପାଇଁ ଯେଉଁସବୁ ସୁଯୋଗ ରହିଛି ଆମର ସାମର୍ଥ୍ୟ ବଳରେ ତାହାର ସଦୁପଯୋଗ କରିବା ସହିତ ଆମର ଦୁର୍ବଳତା ଓ ଆଶଙ୍କାକୁ ଦୂର କରିବା ନିମିତ୍ତ ନିରନ୍ତର ପ୍ରୟାସ କରିବା ।

# ସଂକ୍ଷିପ୍ତ ଐତିହାସିକ ପରିଚୟ
# Brief Historical Identification

୧୯୪୪ - କଲେଜର ଶୁଭାରମ୍ଭ ସହିତ ଓଡ଼ିଆ ବିଭାଗର ଆରମ୍ଭ ।
ପ୍ରଥମେ ଥିଲା ଆଇ.ଏ. ଶ୍ରେଣୀ ।

୧୯୪୬ - ବି.ଏ. ଶ୍ରେଣୀ ସହିତ ସମ୍ମାନ ଶ୍ରେଣୀର ଆରମ୍ଭ ।

ପ୍ରଥମ ଅଧ୍ୟାପକ ଓ ବିଭାଗ ମୁଖ୍ୟ - ସଂସ୍କୃତ ସାହିତ୍ୟରେ ଆଚାର୍ଯ୍ୟ ଉପାଧି ଲାଭ କରିଥିବା ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ।

ବିଭାଗର ଅଧ୍ୟାପକ ଯେଉଁମାନେ ପରବର୍ତ୍ତୀ ସମୟରେ କଲେଜର ଅଧକ୍ଷ ହୋଇଥିଲେ-

୧. ପ୍ରାଧ୍ୟାପକ ପଠାଣି ପଟ୍ଟନାୟକ
ଯାହାଙ୍କ ସମୟରେ ଶୈକ୍ଷିକ ବାତାବରଣର ଶୃଙ୍ଖଳା ଓଡ଼ିଶାରେ ଚର୍ଚ୍ଚିତ ହୋଇଥିଲା ।
୨. ଡ. ଦେବେନ୍ଦ୍ର କୁମାର ମହାନ୍ତି
୩. ପ୍ରାଧ୍ୟାପକ ମୃତ୍ୟୁଞ୍ଜୟ ନାୟକ

ବିଭାଗର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅଧ୍ୟାପକ-

୧. ପ୍ରାଧ୍ୟାପକ ପଠାଣି ପଟ୍ଟନାୟକ (ଆତ୍ମ ଜୀବନୀ ପୁସ୍ତକ)
୨. ଡ. ମହେଶ୍ୱର ମହାନ୍ତି
(ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ବିଶେଷ ଅବଦାନ)

ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅଧ୍ୟାପକ-

ଡ. ମହେଶ୍ୱର ମହାନ୍ତି
ବାଗ୍ମୀ ଗୌରୀକୁମାର ବ୍ରହ୍ମା

କଳାକାର ଭାବେ ପରିଚିତ ଅଧ୍ୟାପକ-

ଶ୍ରୀଯୁକ୍ତ ଚନ୍ଦ୍ରଶେଖର ମହାପାତ୍ର
(ଆକାଶବାଣୀ କଟକ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ ନାଟ୍ୟ ଅଭିନେତା)
ଡ. ଦୈତ୍ୟାରୀ ଶୁକ୍ଳ (ଆକାଶବାଣୀ କଟକ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ ଉପସ୍ଥାପକ, ଘୋଷକ ଓ ଡ୍ରାମା ଅଭିନେତା)

ପ୍ରଥମ ଅଧ୍ୟାପିକା - ଡ. ସ୍ମିତା ନାୟକ

ସୁପରିଚିତ କବି ଏବଂ ଅଧ୍ୟାପକ- ଡ. ପ୍ରଦୀପ କୁମାର ଧଳ

ଉଚ୍ଚ ଡିଗ୍ରୀଧାରୀ ଅଧ୍ୟାପକ - ଡ. ସୁରେନ୍ଦ୍ରନାଥ ଆଚାର୍ଯ୍ୟ, Ph.D. D.Lit
ଡ. କୃତ୍ତିବାସ ଷଡ଼ଙ୍ଗୀ, (M.Phil, Ph.D. D.Lit)

ୟୁ.ଜି.ସି. ଏନ୍.ଇ.ଟି. ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିବା ଅଧ୍ୟାପକ-

ଡ. କୃତ୍ତିବାସ ଷଡ଼ଙ୍ଗୀ

ଡ. ପ୍ରଦୀପ କୁମାର ଧଳ

ଓଡ଼ିଶାରେ ସୁବକ୍ତା ଭାବରେ ପରିଚିତ ଅଧ୍ୟାପକ-

ପ୍ରାଧ୍ୟାପକ ପଠାଣି ପଟ୍ଟନାୟକ

ବାଗ୍ମୀ ଗୌରୀ କୁମାର ବ୍ରହ୍ମା

ଡ. ମହେଶ୍ୱର ମହାନ୍ତି

ବିଭାଗର ଛାତ୍ର ଯେଉଁମାନଙ୍କର ପରବର୍ତ୍ତୀ ସମୟରେ ବିଭାଗରେ ଅଧ୍ୟାପକ ଓ ଅଧ୍ୟାପିକା ଭାବେ ଯୋଗଦାନ-

ଡଃ ପ୍ରଫୁଲ୍ଲ କୁମାର ଦାସ

ଡଃ ଦୈତ୍ୟାରି ଶୁକ୍ଳ

ଶ୍ରୀମତୀ ରୂପାଲି ମହାନ୍ତି

ବିଭାଗର ବିଶେଷ ସାରସ୍ୱତ କାର୍ଯ୍ୟ ପାଇଁ ଜନାଦୃତ ଅଧ୍ୟାପକ -

ଡ. ମହେଶ୍ୱର ମହାନ୍ତି 'ଛାତ୍ରସାଥୀ ପ୍ରବନ୍ଧ ମାଳା', 'ମନପବନ' ଶିଶୁପତ୍ରିକାର ସଂପାଦନା ଏବଂ ଶ୍ରୀଧର ଦାସଙ୍କ 'ସର୍ବସାର ବ୍ୟାକରଣ' ।

N.C.C. ନୌବାହିନୀ ପାଇଁ ଉଚ୍ଚ ପ୍ରଶଂସିତ ଅଧ୍ୟାପକ-

ଚନ୍ଦ୍ରଶେଖର ମହାପାତ୍ର

ସ୍ୱତନ୍ତ୍ର ସାରସ୍ୱତ ସୃଷ୍ଟି - ବାର୍ଷିକ ସମାଲୋଚନାତ୍ମକ ସାହିତ୍ୟ ପତ୍ରିକା - "ସୃଷ୍ଟି ଓ ସମୀକ୍ଷା" (୧୯୭୦ ରୁ ଆରମ୍ଭ ହୋଇ ଏଯାବତ ପ୍ରକାଶିତ)

ପ୍ରଥମ ସ୍ୱେଚ୍ଛାକୃତ ଅବସର ନେବା ଅଧ୍ୟାପକ -

ବିଜୟ ଚନ୍ଦ୍ର ମହାପାତ୍ର (୧୯୫୮-୧୯୭୪)

ଓଡ଼ିଆ ସମାଲୋଚନା ସାହିତ୍ୟ ପାଇଁ ବିଭାଗ ଅଧ୍ୟାପକମାନଙ୍କ ବିଶେଷ ଅବଦାନ-

ପ୍ରାଧ୍ୟାପକ ପଠାଣି ପଟ୍ଟନାୟକ

ଡ. ଦେବେନ୍ଦ୍ର କୁମାର ମହାନ୍ତି

ଡ. ମହେଶ୍ୱର ମହାନ୍ତି

ଭାସ୍କର ଚନ୍ଦ୍ର ଖଟେଇ

ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ

ଶ୍ରୀଧର ଦାସ

ବାଗ୍ମୀ ଗୌରୀ କୁମାର ବ୍ରହ୍ମା

ଡ. ପ୍ରଫୁଲ୍ଲ କୁମାର ଦାଶ

# ପୂର୍ବତନ ବିଭାଗ ମୁଖ୍ୟ
# Ex H.O.D's

| ନାମ | କାର୍ଯ୍ୟନିର୍ବାହ ସମୟ |
|---|---|
| ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ | ୧୯୪୪-୧୯୪୭ |
| ଶ୍ରୀଯୁକ୍ତ ଶ୍ରୀଧର ଦାସ | ୧୯୪୮-୧୯୬୮ |
| ଶ୍ରୀଯୁକ୍ତ ପଠାଣି ପଟ୍ଟନାୟକ | ୧୯୬୮-୧୯୮୨ |
| ଡ. ଦେବେନ୍ଦ୍ର କୁମାର ମହାନ୍ତି | ୧୯୮୨-୧୯୮୮ |
| ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ନାୟକ | ୧୯୮୮-୧୯୯୫ |
| ଡ. ମହେଶ୍ୱର ମହାନ୍ତି | ୧୯୯୫-୨୦୦୧ |
| ଡ. ପ୍ରଫୁଲ୍ଲ କୁମାର ଦାଶ | ୨୦୦୧-୨୦୦୭ |
| ଡ. ପ୍ରାଣରଞ୍ଜନ ଦାସ | ୨୦୦୭-୨୦୦୮ |
| ଡ. ସୁରେନ୍ଦ୍ରନାଥ ଆଚାର୍ଯ୍ୟ | ୨୦୦୮- |
| ଡ. କୃତ୍ତିବାସ ଷଡ଼ଙ୍ଗୀ | ୨୦୦୮- |

# ବର୍ତ୍ତମାନର ଅଧ୍ୟାପକ/ଅଧ୍ୟାପିକା
# Present Faculty Members

| ନାମ | ନିଯୁକ୍ତି ସମୟ | |
|---|---|---|
| ଡ. କୃତ୍ତିବାସ ଷଡ଼ଙ୍ଗୀ (ବିଭାଗ ମୁଖ୍ୟ)<br>ଏମ୍.ଏ.,ଏମ୍.ଫିଲ୍.,ପିଏଚ୍.ଡି.,ଡି.ଲିଟ୍. | ୧୬.୦୧.୧୯୯୭ |  |
| ଡ. ଦୈତ୍ୟାରି ଶୁକ୍ଳ<br>ଏମ୍.ଏ., ପିଏଚ୍.ଡି. | ୨୦.୦୧.୧୯୯୭ |  |
| ଡ. ପ୍ରଦୀପ କୁମାର ଧଳ<br>ଏମ୍.ଏ.,ଏମ୍.ଫିଲ୍.,ପିଏଚ୍.ଡି. | ୦୬.୧୧.୧୯୯୭ |  |
| ଡ. ସ୍ମିତା ନାୟକ<br>ଏମ୍.ଏ.,ଏମ୍.ଫିଲ୍.,ପିଏଚ୍.ଡି. | ୨୦.୦୮.୧୯୯୯ |  |
| ଶ୍ରୀଯୁକ୍ତ ପୀତବାସ ଷଡ଼ଙ୍ଗୀ<br>ଏମ୍.ଏ.,ଏମ୍.ଫିଲ୍. | ୧୫.୧୦.୨୦୦୯ |  |
| ଶ୍ରୀମତୀ ରୂପାଲୀ ମହାନ୍ତି<br>ଏମ୍.ଏ. | ୧୨.୦୮.୨୦୧୫ |  |

# ଛାତ୍ରଛାତ୍ରୀମାନଙ୍କ କୃତିତ୍ୱ
## Achievers of our Department

ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ସମ୍ମାନ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ପ୍ରାପ୍ତ ଛାତ୍ର-

ଡ. ଶ୍ରୀନିବାସ ମିଶ୍ର, ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ଡ. ବାସୁଦେବ ସାହୁ, ଡ. ନିଳାଦ୍ରୀଭୂଷଣ ହରିଚନ୍ଦନ, ଡ. କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀ ।

ସମ୍ମାନ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଉଚ୍ଚପଦରେ ଅଧିଷ୍ଠିତ ଓ ସାରସ୍ୱତ କ୍ଷେତ୍ରରେ ସୁପରିଚିତ ଛାତ୍ର-

| | |
|---|---|
| ଡ. ଶ୍ରୀନିବାସ ମିଶ୍ର | - ପ୍ରଫେସର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ |
| ଡ. ବାସୁଦେବ ସାହୁ | - ପ୍ରଫେସର ଉତ୍କଳ ବିଶ୍ୱବିଦ୍ୟାଳୟ |
| ଡ. ନିଳାଦ୍ରୀଭୂଷଣ ହରିଚନ୍ଦନ | - ପ୍ରଫେସର ବିଶ୍ୱଭାରତୀ |
| ଡ. ନିତ୍ୟାନନ୍ଦ ନାୟକ | - ପ୍ରଫେସର ଉତ୍କଳ ବିଶ୍ୱବିଦ୍ୟାଳୟ |
| ଡ. ବୈଷ୍ଣବ ଚରଣ ସାମଲ | - ପ୍ରଫେସର ବିଶ୍ୱଭାରତୀ (ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ) |
| ଡ. ମନୋରଂଜନ ପ୍ରଧାନ | - ପ୍ରଫେସର ବିଶ୍ୱଭାରତୀ |
| ଡ. ରତ୍ନାକର ଚଇନି | - ପ୍ରାଧ୍ୟାପକ, ବିଶିଷ୍ଟ ନାଟ୍ୟକାର, ସମାଲୋଚକ (ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ) |
| ଡ. ବିଭୂତି ପଟ୍ଟନାୟକ | - ପ୍ରାଧ୍ୟାପକ, ବିଶିଷ୍ଟ ଔପନ୍ୟାସିକ, କେନ୍ଦ୍ର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଏବଂ ସମାଲୋଚକ । |
| ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ | - ମହୀଶୁର ଭାଷା ସଂସ୍ଥାନର ନିର୍ଦ୍ଦେଶକ, ବିଶିଷ୍ଟ ଭାଷାବିଦ୍ |

# ଜାତୀୟ, ରାଜ୍ୟସ୍ତରୀୟ ଓ ବିଭାଗୀୟ ପାଠଚକ୍ର

## National, State Label & Departmental Seminars

- ପ୍ରତିବର୍ଷ ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ବାର୍ଷିକ ପାଠଚକ୍ର ସହିତ ବିଭାଗୀୟ ପାଠଚକ୍ର ଓ ପ୍ରବନ୍ଧ ପାଠ ଆଦି କାର୍ଯ୍ୟକ୍ରମ ହୋଇଥାଏ । ଏଥିସହିତ ପ୍ରବୀଣ ସମାଲୋଚକ ସାରସ୍ୱତ ସାଧକମାନଙ୍କୁ ଡାକି ବକ୍ତବ୍ୟ ପ୍ରଦାନ ସହିତ ଆଲୋଚନା ମଧ୍ୟ କରାଯାଇଥାଏ ।

- ନିଖିଳ ଭାରତ ଓଡ଼ିଆ ଅଧ୍ୟାପକ ସମ୍ମେଳନ ଓ ଆମ ବିଭାଗର ମିଳିତ ସହଯୋଗରେ ୟୁ.ଜି.ସି. ଅନୁଦାନ ପ୍ରାପ୍ତ ଜାତୀୟ ପାଠଚକ୍ର ୮.୯.୨୦୧୨ ଓ ୯.୯.୨୦୧୨ ଦୁଇଦିନ ଧରି ଅନୁଷ୍ଠିତ ହୋଇଛି । ଏଥିରେ ବିଭିନ୍ନ ସୋପାନରେ ପ୍ରବନ୍ଧ ପାଠ, ଆଲୋଚନା ସହିତ ସ୍ମରଣିକା ପ୍ରକାଶନ ଆଦି କାର୍ଯ୍ୟକ୍ରମ ହୋଇଯାଇଛି । ଏହି ପାଠଚକ୍ରର ବିଷୟ ଥିଲା- 'ଟେକ୍ନୋଲୋଜି ଯୁଗରେ ସାହିତ୍ୟର ଭୂମିକା' । ଏଥିରେ ବିଶିଷ୍ଟ କଥାକାର ମହାପାତ୍ର ନୀଳମଣି ସାହୁ, ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟ, ସମାଲୋଚକ ବୈଷ୍ଣବ ଚରଣ ସାମଲ, ପ୍ରଫେସର କୃଷ୍ଣଚନ୍ଦ୍ର ବେହେରା, ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରଫେସର ଡ. ଦାଶରଥି ଦାସ ପ୍ରମୁଖ ଯୋଗ ଦେଇଥିଲେ ।

- ତା୨୬.୨.୨୦୧୭ରିଖ ରେ 'ପରିବର୍ତ୍ତିତ ସମାଜରେ ସାହିତ୍ୟର ଭୂମିକା' ଶୀର୍ଷକ ବିଷୟକୁ ନେଇ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି । ଏଥିରେ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟର ପ୍ରବୀଣ ଅଧ୍ୟାପକ/ଅଧ୍ୟାପିକା ମାନେ ଯୋଗଦାନ କରି ପ୍ରବନ୍ଧ ପାଠ କରିଥିଲେ ।

# ପାଠ୍ୟ ବହିର୍ଭୂତ କାର୍ଯ୍ୟକ୍ରମ

## Extension Activities

⌘ ଆମ ବିଭାଗ ତରଫରୁ ସ୍ନାତକ ଶ୍ରେଣୀର ପିଲାମାନଙ୍କୁ ନିର୍ଦ୍ଧାରିତ ନୀତିନିୟମ ଅନୁସାରେ ପଢ଼ାଇବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀମାନଙ୍କୁ ନେଇ ସେମାନଙ୍କର ବୌଦ୍ଧିକ, ସାମାଜିକ ଓ ସାରସ୍ୱତ ଜ୍ଞାନର ପ୍ରସାର ନିମନ୍ତେ ଶିକ୍ଷାସମ୍ବନ୍ଧିତ ଅନ୍ୟାନ୍ୟ କାର୍ଯ୍ୟ କରାଯାଇଥାଏ ।

⌘ ସାଂପ୍ରତିକ ବ୍ୟବସ୍ଥାରେ ଆଞ୍ଚଳିକ ଭାଷା ପ୍ରତି ପିଲାମାନଙ୍କର ଲିଖନ, ପଠନ ଆଦି ସ୍ପୃହା କମିଯାଉଛି । ଏହାକୁ ଦୃଷ୍ଟିରେ ରଖି ଆମ ବିଭାଗ କଲେଜର ଅନ୍ୟ ବିଭାଗର ଛାତ୍ରଛାତ୍ରୀମାନଙ୍କୁ ନେଇ ଓଡ଼ିଆ ଧ୍ୱନିର ପରିଚୟ ଓ ଓଡ଼ିଆ ଶବ୍ଦର ଶୁଦ୍ଧ ଲିଖନ ବିଷୟ ଉପରେ ବହୁବାର ଆଲୋଚନା କରି ଶିକ୍ଷା ପ୍ରଦାନ କରିଛି ।

⌘ ପ୍ରୌଢ଼ଶିକ୍ଷା ଭାରତ ସରକାରଙ୍କର ଏକ ବୌଦ୍ଧିକ ବିକାଶ ଯୋଜନା । ଏହି ଯୋଜନା ଭିତ୍ତିରେ ଆମ ବିଭାଗର ଅଧ୍ୟାପକ/ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ମିଶି କଟକ ସହରରୁ ୧୫ କିଲୋମିଟର ଦୂରରେ ଅବସ୍ଥିତ ନରାଜସ୍ଥିତ 'ସାଧନା' ଜରାଶ୍ରମର ଅନ୍ତେବାସୀଙ୍କୁ ଶିକ୍ଷାଦାନ କରିଛନ୍ତି । ଶିକ୍ଷାଦାନ ମଧ୍ୟରେ ଥିଲା ଅକ୍ଷର ଶିକ୍ଷା, ବର୍ଣ୍ଣବୋଧ ପଠନ, ପ୍ରାର୍ଥନା ଓ ସ୍ୱାକ୍ଷର କରିବା ଅଭ୍ୟାସ । ଆମ ବିଭାଗର ଏହି ପ୍ରଚେଷ୍ଟା ଦ୍ୱାରା କେତେକ ଅନ୍ତେବାସୀ ନିଜ ନାମ ଲେଖିପାରିବା ସହିତ ଅବନା ଅକ୍ଷର ଦେଖି ପଢ଼ିବା ପାଇଁ ସମର୍ଥ ହୋଇପାରିଥିଲେ । ଏଥି ସହିତ ସେମାନଙ୍କୁ ସାମାଜିକ ତଥା ପାରିବାରିକ ଦୁଃଖରୁ ସାମୟିକ ମୁକ୍ତ କରିବା ପାଇଁ ସେମାନଙ୍କ ସହିତ ମିଶି ଏକାଠି ଖାଇବା, ଗପ କରିବା, ସୁଖଦୁଃଖ ସଂପର୍କରେ ପରାମର୍ଶ ଦେବା ଆଦି କାର୍ଯ୍ୟ ମଧ୍ୟ କରାଯାଇଛି ।

# ସାରସ୍ୱତ ସୃଷ୍ଟି : 'ସୃଷ୍ଟି ଓ ସମୀକ୍ଷା'

## Literary Creation : 'Sruti O Samikshya'

ଆମ କଲେଜର 'ଓଡ଼ିଆ ସାହିତ୍ୟ ସମାଜ' ତରଫରୁ ଆମ ବିଭାଗ ଦ୍ୱାରା ପ୍ରତିବର୍ଷ ସମାଲୋଚନାତ୍ମକ ବାର୍ଷିକ ସାହିତ୍ୟ ପତ୍ରିକା- 'ସୃଷ୍ଟି ଓ ସମୀକ୍ଷା' ପ୍ରକାଶିତ ହୋଇ ଓଡ଼ିଶାର ବହୁ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଗବେଷକମାନଙ୍କୁ ସାହାଯ୍ୟ କରିଆସୁଛି । ଏହି କାର୍ଯ୍ୟ ୧୯୭୦-୭୧ରୁ ଆରମ୍ଭ ହୋଇ କ୍ରମାଗତ ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ ଚାଲୁରହିଛି । ପ୍ରଥମେ ଆମ ବିଭାଗର ସ୍ୱନାମଧନ୍ୟ ପ୍ରାଧ୍ୟାପକ ପଠାଣି ପଟ୍ଟନାୟକ ଏହାକୁ ଆରମ୍ଭ କରିଥିଲେ । ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟକୁ ନେଇ ବିଶିଷ୍ଟ ସମାଲୋଚକମାନଙ୍କ ଠାରୁ ଲେଖା ଗ୍ରହଣ କରି ଏହି ସାହିତ୍ୟ ପତ୍ରିକା ଆମ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନଙ୍କ ସଂପାଦନାରେ ପ୍ରକାଶ ପାଇଥାଏ । ବେଳେବେଳେ ଦୁଷ୍ପ୍ରାପ୍ୟ ରଚନାବଳୀକୁ ଏକତ୍ର କରି ବିଦ୍ୟାର୍ଥୀମାନଙ୍କ ଚାହିଦା ପୂରଣ ପାଇଁ ପୁନଃ ପ୍ରକାଶନ କରାଯାଇଥାଏ । ଲୋକଲୋଚନର ଆଢୁଆଳରେ ରହିଯାଇଥିବା ବହୁ ସାରସ୍ୱତ ସାଧକ ଓ ତାଙ୍କ ସାଧନାର ଫଳକୁ ମଧ୍ୟ 'ସୃଷ୍ଟି ଓ ସମୀକ୍ଷା' ପତ୍ରିକାରେ ସ୍ଥାନ ଦିଆଯାଇଛି ।

ବର୍ତ୍ତମାନ ପର୍ଯ୍ୟନ୍ତ ଯେତେ ସବୁ ସଂଖ୍ୟା ଓ ବିଷୟ ପ୍ରକାଶ ପାଇଛି ତାହାର ଏକ ତାଲିକା ଏଠାରେ ପ୍ରଦାନ କରୁଛୁ ।

| | | |
|---|---|---|
| ୧ । | ୧୯୭୦-୧୯୭୧ | ବିଭିନ୍ନ ବିଷୟକ ଏକ ମିଳିତ ସଂଖ୍ୟା । |
| ୨ । | ୧୯୭୧-୧୯୭୨ | ବିଭିନ୍ନ ବିଷୟକ ଏକ ମିଳିତ ସଂଖ୍ୟା । |
| ୩ । | ୧୯୭୨-୧୯୭୩ | ଭଞ୍ଜ ବିଶେଷାଙ୍କ |
| ୪ । | ୧୯୭୩-୧୯୭୪ | କ୍ଷୁଦ୍ରଗଳ୍ପ ବିଶେଷାଙ୍କ |
| ୫ । | ୧୯୭୪-୧୯୭୫ | ନାଟକ ବିଶେଷାଙ୍କ |
| ୬ । | ୧୯୭୫-୧୯୭୬ | ଅଭିମନ୍ୟୁ ସାମନ୍ତସିଂହାର ବିଶେଷାଙ୍କ |
| ୭ । | ୧୯୭୬-୧୯୭୭ | ଧର୍ମ ବିଶେଷାଙ୍କ |
| ୮ । | ୧୯୭୭-୧୯୭୮ | ପୁରାଣ ବିଶେଷାଙ୍କ |
| ୯ । | ୧୯୭୮-୧୯୭୯ | ସାହିତ୍ୟରେ ବିଭିନ୍ନ "ବାଦ" (ism) ବିଶେଷାଙ୍କ |
| ୧୦ । | ୧୯୭୯-୧୯୮୦ | ଭାଷାତତ୍ତ୍ୱ ବିଶେଷାଙ୍କ |

| | | |
|---|---|---|
| ୧୧ । | ୧୯୮୦-୧୯୮୧ | ଭକ୍ତକବି ମଧୁସୂଦନ ବିଶେଷାଙ୍କ |
| ୧୨ । | ୧୯୮୧-୧୯୮୨ | ଫକୀରମୋହନ ବିଶେଷାଙ୍କ |
| ୧୩ । | ୧୯୮୨-୧୯୮୩ | ସାରଳା ଦାସ ବିଶେଷାଙ୍କ |
| ୧୪ । | ୧୯୮୫-୧୯୮୬ | ବଳରାମ ଦାସ ବିଶେଷାଙ୍କ |
| ୧୫ । | ୧୯୮୬-୧୯୮୭ | ବିଜୟଚନ୍ଦ୍ର ମଜୁମଦାର କୃତ "Typical Selection from Oriya Literature" ପୁସ୍ତକର ମୁଖବନ୍ଧର ପୁନଃମୁଦ୍ରଣ । |
| ୧୬ । | ୧୯୯୦-୧୯୯୧ | ଉପନ୍ୟାସ ବିଶେଷାଙ୍କ |
| ୧୭ । | ୧୯୯୩-୧୯୯୪ | ରାଧାନାଥ ବିଶେଷାଙ୍କ |
| ୧୮ । | ୧୯୯୬-୧୯୯୭ | ଲୋକସାହିତ୍ୟ ବିଶେଷାଙ୍କ |
| ୧୯ । | ୧୯୯୭-୧୯୯୮ | ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ "ବ୍ରହ୍ମଙ୍କ ମଧୁସୂଦନ' ଓ "ସ୍ମୃତି ଅର୍ଘ୍ୟ'ର ପୁନଃମୁଦ୍ରଣ । |
| ୨୦ । | ୧୯୯୮-୧୯୯୯ | ସାଧୁ ସୁନ୍ଦର ଦାସ ଓ 'କୁଜୀବର ପତ୍ର' |
| ୨୧ । | ୧୯୯୯-୨୦୦୦ | ଆଧୁନିକ କବିତା ବିଶେଷାଙ୍କ |
| ୨୨ । | ୨୦୦୧-୨୦୦୨ | ଭକ୍ତକବି ଜଗନ୍ନାଥ ଦାସ ବିଶେଷାଙ୍କ |
| ୨୩ । | ୨୦୦୨-୨୦୦୩ | ଉତ୍କଳ ସମ୍ମିଳନୀ-ଶତବାର୍ଷିକୀ ବିଶେଷାଙ୍କ |
| ୨୪ । | ୨୦୦୩-୨୦୦୪ | କବିବର ରାଧାନାଥଙ୍କ ଦୁଷ୍ପ୍ରାପ୍ୟ ରଚନା |
| ୨୫ । | ୨୦୦୪-୨୦୦୫ | ଗୀତିକବିତା ବିଶେଷାଙ୍କ |
| ୨୬ । | ୨୦୦୫-୨୦୦୬ | କବିସୂର୍ଯ୍ୟ ବଳଦେବ ବିଶେଷାଙ୍କ |
| ୨୭ । | ୨୦୦୬-୨୦୦୭ | ଭକ୍ତକବି ଗୋପାଳକୃଷ୍ଣ ବିଶେଷାଙ୍କ |
| ୨୮ । | ୨୦୦୭-୨୦୦୮ | ଆଶୁକବି ଯଦୁମଣି ବିଶେଷାଙ୍କ |
| ୨୯ । | ୨୦୦୮-୯-୧୦ | ଜନ୍ ବୀମସ୍ ବିଶେଷାଙ୍କ |
| ୩୦ । | ୨୦୧୦-୨୦୧୧ | କ୍ଷୁଦ୍ରଗଳ୍ପ ବିଶେଷାଙ୍କ |
| ୩୧ । | ୨୦୧୧-୨୦୧୨ | ପୁରାଣ ବିଶେଷାଙ୍କ |
| ୩୨ । | ୨୦୧୨-୨୦୧୩ | ଗଙ୍ଗାଧର ମେହେର ବିଶେଷାଙ୍କ |
| ୩୩ । | ୨୦୧୩-୨୦୧୪ | ଦୀନକୃଷ୍ଣ ଦାସ ବିଶେଷାଙ୍କ |
| ୩୪ । | ୨୦୧୪-୨୦୧୫ | ସାହିତ୍ୟରେ ବିଭିନ୍ନ ବାଦ ବିଶେଷାଙ୍କ |
| ୩୫ । | ୨୦୧୫-୨୦୧୬ | ସାହିତ୍ୟରେ ବିଭିନ୍ନ ବାଦ ଓ ସମୀକ୍ଷାତତ୍ତ୍ୱ ବିଶେଷାଙ୍କ |
| ୩୬ । | ୨୦୧୭-୨୦୧୮ | ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ବିଶେଷାଙ୍କ |

# ୟୁ.ଜି.ସି. ମାର୍ଗଦର୍ଶନ ଅନୁସାରେ ନଥିପତ୍ର

## Records as per U.G.C. guideline

ବର୍ତ୍ତମାନ ୟୁ.ଜି.ସି. ଗାଇଡ୍ ଲାଇନ୍ ଅନୁସାରେ CBCS ପାଠ୍ୟକ୍ରମ ସ୍ନାତକ ଶ୍ରେଣୀରେ ପଢାଯାଉଛି । ପାଠ ପଢ଼ା ସହିତ ଯେଉଁ କେତେକ ଆନୁଷଙ୍ଗିକ କାର୍ଯ୍ୟ କରିବା ପାଇଁ ୟୁ.ଜି.ସି.ର ନିର୍ଦ୍ଦେଶ ଅଛି, ତାହାର ସଫଳ ରୂପାୟଣ ଆମ ବିଭାଗ କରିଛି । ଏଠାରେ ତାହାର ଏକ ତାଲିକା ପ୍ରଦାନ କରୁଛୁ ।

- ବିଭିନ୍ନ ପରୀକ୍ଷାର ପ୍ରଶ୍ନପତ୍ର ଓ ନମ୍ବର ସାରଣୀକୁ (Marksheet) ସୁରକ୍ଷିତ କରି ଉତ୍ତର ପିଢ଼ିର ଛାତ୍ରଛାତ୍ରୀମାନଙ୍କ ପାଇଁ ରଖାଯାଇଛି ।
- ଯୋଜନା ଅନୁସାରେ ଅଧ୍ୟାପକମାନେ ସେମାନଙ୍କର Lesson Plan & Progress Register କୁ ପ୍ରସ୍ତୁତ କରିଛନ୍ତି ।
- ବିଭାଗ ପାଠଚକ୍ର ପୁସ୍ତକାଗାର (Seminar Library)ର ପୁସ୍ତକଗୁଡ଼ିକୁ ସୁନ୍ଦର ଭାବରେ ରଖାଯାଇ ପିଲାମାନଙ୍କୁ Issue Register ମାଧ୍ୟମରେ ଦିଆଯାଉଛି ।
- ଅଭିଭାବକମାନଙ୍କୁ ନିୟମିତ ଡକାଯାଇ ସେମାନଙ୍କ ପିଲାମାନଙ୍କର ସମସ୍ୟା ବିଷୟରେ ଅବଗତ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କର ମତାମତକୁ ମଧ୍ୟ ଗ୍ରହଣ କରି Parents Teacher Register ମଧ୍ୟରେ ରଖାଯାଇଛି ।
- ବିଭିନ୍ନ ସମ୍ମାନ ଶ୍ରେଣୀର ପିଲାମାନଙ୍କ ସମସ୍ୟାକୁ ବିଭାଗ ଅଧ୍ୟାପକ/ଅଧ୍ୟାପିକାମାନେ ନିୟମିତ ବୁଝି ତାହାର ସମାଧାନ କ୍ଷେତ୍ରରେ କ'ଣ କରିଛନ୍ତି, ତାହାର ସୂଚନା Mentor Mentee Record ମାଧ୍ୟମରେ ଉଲ୍ଲେଖ ଅଛି ।
- Extension Activity, Co-curricular activity, ପାଠ୍ୟ ବର୍ହିଭୂତ କାର୍ଯ୍ୟକ୍ରମ, ପାଠ ସମ୍ବନ୍ଧିତ କାର୍ଯ୍ୟକ୍ରମ, ପାଠଚକ୍ର ପ୍ରବନ୍ଧ (Seminar writeup), ପାଠଚକ୍ର Register ଆଦିକୁ ସୁସଜ୍ଜିତ କରି ରଖାଯାଇଛି ।
- ପିଲାମାନଙ୍କ ସାରସ୍ୱତ କ୍ଷେତ୍ର ପ୍ରତି ରହିଥିବା ଆକର୍ଷଣକୁ ଦୃଷ୍ଟିରେ ରଖି ସେମାନଙ୍କ ଲେଖାକୁ ନେଇ ପ୍ରାଚୀର ପତ୍ର (Wall Magazine) 'ନିର୍ଝର' ନିର୍ଦ୍ଦିଷ୍ଟ ବ୍ୟବଧାନରେ ପ୍ରକାଶ ପାଉଛି ।
- P.P.T. ମାଧ୍ୟମରେ ମଧ୍ୟ ଶିକ୍ଷାଦାନ କରାଯାଉଛି ।

# ବିଭାଗର ସାମର୍ଥ୍ୟ, ସୁଯୋଗ, ଦୁର୍ବଳତା ଏବଂ ଆଶଙ୍କା
## Strength, Opportunity, Weakness & Threat of the Department

**ସାମର୍ଥ୍ୟ (Strength) :**

ଆମ ବିଭାଗର ବହୁ ଅଧ୍ୟାପକ ଓ ଛାତ୍ରଛାତ୍ରୀ ଓଡ଼ିଆ ସାହିତ୍ୟର ସମାଲୋଚନା କ୍ଷେତ୍ରକୁ ବଳିଷ୍ଠ କରିବା ସଙ୍ଗେ ସଙ୍ଗେ ମୌଳିକ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ମଧ୍ୟ ନିଜର ପାରଦର୍ଶିତା ଦେଖାଇ ପାରିଛନ୍ତି ।

**ସୁଯୋଗ (Opportunity) :**

ଆମ କଲେଜ ସମାଲୋଚନା ସାହିତ୍ୟକୁ ସୁଦୃଢ଼ କରିବା ପାଇଁ "ସୃଷ୍ଟି ଓ ସମୀକ୍ଷା" ଭଳି ସମାଲୋଚନାତ୍ମକ ବାର୍ଷିକ ପତ୍ରିକା ପ୍ରକାଶନର ଗୁରୁ ଦାୟିତ୍ୱ ଦେବା ସହିତ ଅର୍ଥ ମଧ୍ୟ ଯୋଗାଇ ଥିବାରୁ ଆମ ପାଇଁ ସାହିତ୍ୟର ବିକାଶ ନିମିତ୍ତ ଏହା ଏକ ଅପୂର୍ବ ସୁଯୋଗ ସୃଷ୍ଟି କରିଛି । ଏଥିସହିତ ନଳିନୀ ପାଠାଗାର ଓ ବିଭାଗର ପାଠଚକ୍ର ପାଠାଗାରର ପର୍ଯ୍ୟାପ୍ତ ପୁସ୍ତକ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ପାଇଁ ବିଶେଷ ସହାୟକ ହେଉଛି ।

**ଦୁର୍ବଳତା (Weakness) :**

ସାରା ପୃଥିବୀରେ ଇଂରାଜୀ ଭାଷାର ପ୍ରଚ୍ଚର, ପ୍ରସାର ଓ ଆଦର ଯେଉଁ ପରିମାଣର ବୃଦ୍ଧି ପାଇଛି ସେହି ତୁଳନାରେ ଆଞ୍ଚଳିକ ଭାଷା ପ୍ରତିଯୋଗିତା କରିପାରୁ ନାହିଁ ।

**ଆଶଙ୍କା (Threat) :**

ବିଜ୍ଞାନ ଓ ଇଲେକ୍‌ଟ୍ରୋନିକ୍ସ ଯୁଗରେ ଆମର ଭାଷା ପ୍ରତିଯୋଗିତା କରିବା ପାଇଁ ସମର୍ଥ ହେବ କି ନାହିଁ ବେଳେବେଳେ ମନରେ ବିଭିନ୍ନ ଆଶଙ୍କା ସୃଷ୍ଟି ହୋଇଥାଏ ।

# ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପରୀକ୍ଷାଫଳ

## Result of Honours Students

| ବର୍ଷ | ମୋଟ ପରୀକ୍ଷାର୍ଥୀ | ପ୍ରଥମ ଶ୍ରେଣୀ | ଦ୍ୱିତୀୟ ଶ୍ରେଣୀ | ବିନା ସମ୍ମାନ | ଅକୃତ କାର୍ଯ୍ୟ | ମୋଟ ଉତ୍ତୀର୍ଣ୍ଣ | % ପାସ |
|---|---|---|---|---|---|---|---|
| ୧୭-୧୮ | ୨୧ | ୫ | ୬ | - | ୧୦ | ୧୧ | ୫୨ |
| ୧୬-୧୭ | ୨୦ | ୩ | ୬ | - | ୧୧ | ୯ | ୪୫ |
| ୧୫-୧୬ | ୨୧ | ୬ | ୧୦ | - | ୫ | ୧୬ | ୭୬ |
| ୧୪-୧୫ | ୧୮ | ୧ | ୬ | - | ୧୧ | ୭ | ୩୮ |
| ୧୩-୧୪ | ୨୦ | ୬ | ୯ | - | ୫ | ୧୫ | ୭୫ |